# NATIONAL NEWS BULLETIN (ODIA)

## 16 September - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତିଙ୍କ ସହ ମରିସସ୍ ପ୍ରଧାନମନ୍ତ୍ରୀଙ୍କ ସାକ୍ଷାତ ଆଲୋଚନା ।

– ଦୁଇ ଦେଶ ମଧ୍ୟରେ ଦୀର୍ଘସ୍ଥାୟୀ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା ଉପରେ ରାଷ୍ଟ୍ରପତିଙ୍କ ଗୁରୁତ୍ୱାରୋପ ।

- ପ୍ରଧାନମନ୍ତ୍ରୀଙ୍କ ଉପହାର ଗୁଡ଼ିକର ଇ-ନିଲାମି ପ୍ରକ୍ରିୟା ଆଜିଠାରୁ ଆରମ୍ଭ ।
- ଦେଶରେ ଆସନ୍ତାକାଲିଠାରୁ ବିଜେପି ପାଳନ କରିବ ସେବା ପକ୍ଷ ଅଭିଯାନ ।
- କୋଇଲା ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ସୁରକ୍ଷା ପାଇଁ ନୂତନ ଯୋଜନା ଆରମ୍ଭ କଲେ କେନ୍ଦ୍ର ସରକାର ।

ଏବଂ

- ଏସିଆକପ୍ ପୁରୁଷ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ବାଂଲାଦେଶ ଓ ଆଫ୍ଗାନିସ୍ତାନ ମଧ୍ୟରେ ହେବ ମୁକାବିଲା ।

# ପ୍ରେଜ୍ ମିରିସସ୍ ପିଏମ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ମରିସସ୍ ପ୍ରଧାନମନ୍ତ୍ରୀ ନବୀନ ଚନ୍ଦ୍ର ରାମଗୁଲାମ ଆଜି ସାକ୍ଷାତ କରିଛନ୍ତି । ମରିସସ୍ ପ୍ରଧାନମନ୍ତ୍ରୀ ଏବଂ ତାଙ୍କର ପ୍ରତିନିଧି ମଣ୍ଡଳୀକୁ ରାଷ୍ଟ୍ରପତି ଭବନରେ ସ୍ୱାଗତ କରି ରାଷ୍ଟ୍ରପତି କହିଛନ୍ତି, ଭାରତର ପଡ଼ୋଶୀ ପ୍ରଥମ ନୀତି, ମହାସାଗର ଦୃଷ୍ଟିକୋଣ ତଥା ଦକ୍ଷିଣାଞ୍ଚଳ ବିଶ୍ୱର ପ୍ରତିବଦ୍ଧତା ଆଧାରରେ ମରିସସ୍ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ରାଷ୍ଟ୍ରପତି କହିଛନ୍ତି, ଦୁଇ ରାଷ୍ଟ୍ର ମଧ୍ୟରେ ସହଭାଗିତା ଏବଂ ସହଯୋଗ ପ୍ରତ୍ୟେକ କ୍ଷେତ୍ରରେ ବୃଦ୍ଧି ପାଉଛି । ଏହି ଅଭିବୃଦ୍ଧି ବର୍ତ୍ତମାନ ଏକ ଉନ୍ନତ ରଣନୈତିକ ସହଭାଗିତା ଆଡ଼କୁ ଅଗ୍ରସର ହେଉଛି ବୋଲି ରାଷ୍ଟ୍ରପତି କହିଛନ୍ତି । ଭାରତ ମରିସସ୍ ସରକାରଙ୍କ ବିକାଶମୂଳକ ପ୍ରାଥମିକତାକୁ ସମର୍ଥନ କରୁଛି ତଥା ସ୍ୱତନ୍ତ୍ର ଅର୍ଥନୈତିକ ପ୍ୟାକେଜ୍ ବଳରେ ମରିସସ୍ ସରକାର ଲୋକଙ୍କ ଆବଶ୍ୟକତା ପୂରଣ କରିପାରିବେ ବୋଲି ରାଷ୍ଟ୍ରପତି ବିଶ୍ୱାସ ପ୍ରକଟ କରିଛନ୍ତି । ସେ କହିଛନ୍ତି, ଡାକ୍ତରଖାନା, ରାସ୍ତା, ବନ୍ଦର ବିକାଶ, ପ୍ରତିରକ୍ଷା କ୍ରୟ ଏବଂ ମିଳିତ ପର୍ଯ୍ୟବେକ୍ଷଣ ସମେତ ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ଭିତ୍ତିଭୂମିକୁ ଏହି ଅର୍ଥନୈତିକ ପ୍ୟାକେଜ୍ ସହାୟକ ହେବ । ଆଗାମୀ ଦିନରେ ସାଧାରଣ ଲୋକଙ୍କ ଜୀବନ ଉପରେ ଏହା ସକାରାତ୍ମକ ପ୍ରଭାବ ପକାଇବ ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି । ଦ୍ୱିପାକ୍ଷିକ ସହଯୋଗ ଏବେ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ଏବଂ ମହାକାଶ କ୍ଷେତ୍ର ସମେତ ଅନ୍ୟାନ୍ୟ କ୍ଷେତ୍ରରେ ବିସ୍ତାର ହେଉଛି । ପ୍ରଧାନମନ୍ତ୍ରୀ ରାମଗୁଲାମ୍ଙ୍କ ନେତୃତ୍ୱର ଅଭିଜ୍ଞତା ଦୁଇ ଦେଶର

ଦୀର୍ଘସ୍ଥାୟୀ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବ ବୋଲି ରାଷ୍ଟ୍ରପତି ଆଶା କରିଛନ୍ତି ।

ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ଶ୍ରୀ ରାମଗୁଲାମ୍‌ଙ୍କ ଭାରତ ଗସ୍ତ ଆଜି ଶେଷ ହୋଇଛି । ଏହି ସମୟରେ ସେ ମୁମ୍ବାଇ, ବାରାଣସୀ, ଅଯୋଧ୍ୟା ଏବଂ ତିରୁପତି ଆଦି ସ୍ଥାନ ଗସ୍ତ କରିଥିଲେ ।

## ପିଏମ୍-ମେମେଣ୍ଟୋ

ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାଇଥିବା ୧ ହଜାର ୩୦୦ରୁ ଊର୍ଦ୍ଧ୍ୱ ଉପହାର ଗୁଡ଼ିକର ଆଜିଠାରୁ ଅନ୍‌ଲାଇନ୍‌ରେ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଛି । ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀଙ୍କ ଉପହାର ଇ-ନିଲାମି ପ୍ରକ୍ରିୟାର ସପ୍ତମ ସଂସ୍କରଣରେ ଉଦ୍‌ବୋଧନ ଦେଇ କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଏହି ଉପହାରଗୁଡ଼ିକ ମଧ୍ୟରେ ବିଭିନ୍ନ ପଟ୍ଟଚିତ୍ର, ହସ୍ତଶିଳ୍ପ, ଭାସ୍କର୍ଯ୍ୟ, ଦେବୀଦେବତାମାନଙ୍କର ପ୍ରତୀମୂର୍ତ୍ତି ତଥା ବିଭିନ୍ନ ଖେଳ ସାମଗ୍ରୀ ଅନ୍ତର୍ଭୁକ୍ତ ରହିଛି । ଏହି ଇ-ନିଲାମି ପ୍ରକ୍ରିୟାରେ ମିଳିବାକୁ ଥିବା ଅର୍ଥ ଗୁଡ଼ିକୁ କେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନା ଯେପରିକି ନମାମି ଗଙ୍ଗେ ମିଶନ୍ ଗୁଡ଼ିକରେ ଖର୍ଚ୍ଚ କରାଯିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି । ଗତ ନିଲାମି ପ୍ରକ୍ରିୟାରେ ସରକାର ୫୦ କୋଟିରୁ ଊର୍ଦ୍ଧ୍ୱ ଅର୍ଥ ପାଇଥିବା ଶ୍ରୀ ସୂଚନା ଦେଇଛନ୍ତି ।

ସଂସ୍କୃତି ମନ୍ତ୍ରଣାଳୟ କହିଛି, ଏହି ଇ-ନିଲାମି ପ୍ରକ୍ରିୟା ଆସନ୍ତାମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ନିଲାମି ପ୍ରକ୍ରିୟାରେ ନଟରାଜ ଭଗବାନଙ୍କ ମେଟାଲିକ୍ ପ୍ରତୀମୂର୍ତ୍ତି, ରାମଦରବାରର ତାଞ୍ଜୋର ପଟ୍ଟଚିତ୍ର, ହାତତିଆରି ନାଗା ଚଦର ଆଦି ଅନ୍ତର୍ଭୁକ୍ତ ରହିଛି । କ୍ରୀଡ଼ା କ୍ଷେତ୍ରରେ ଭାରତର ପାରାକ୍ରୀଡ଼ାବିତ୍ ପ୍ୟାରିସ୍ ପାରା ଅଲିମ୍ପିକ୍‌ରେ ଅଂଶଗ୍ରହଣ କରି ପାଇଥିବା ଉପହାର ମଧ୍ୟ ଏଥିରେ ସାମିଲ ରହିଛି ।

## ବିଜେପି-ସେବା ପଖୱାଡା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଭାରତୀୟ ଜନତାପାର୍ଟି ଆସନ୍ତାକାଲି ଠାରୁ ଦେଶରେ ସେବା ପକ୍ଷ ଅଭିଯାନ ଆୟୋଜନ କରିବ । ଏହି ସେବା ପକ୍ଷ ଅଭିଯାନ ଆସନ୍ତା ଅକ୍ଟୋବର ୨ ତାରିଖ ମହାତ୍ମା ଗାନ୍ଧି ଏବଂ ଲାଲବାହାଦୂର ଶାସ୍ତ୍ରୀଙ୍କ ଜନ୍ମ ବାର୍ଷିକୀ ପର୍ଯ୍ୟନ୍ତ ୧୫ ଦିନ ଧରି ପାଳନ କରାଯିବ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପ୍ରଥମେ ଗୁଜରାଟର ମୁଖ୍ୟମନ୍ତ୍ରୀ ଏବଂ ପରେ ପ୍ରଧାନମନ୍ତ୍ରୀ ଭାବେ ଜନସେବା ଏବଂ ସାମାଜିକ ସଂସ୍କାରକୁ ନିରନ୍ତର ଭାବେ ଗୁରୁତ୍ୱ ପ୍ରଦାନ କରିଛନ୍ତି ବୋଲି ଦଳ ପକ୍ଷରୁ କୁହାଯାଇଛି । ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଠାରୁ ଗାନ୍ଧି ଜୟନ୍ତୀ ପର୍ଯ୍ୟନ୍ତ ବିଜେପି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସହିତ କଲ୍ୟାଣକାରୀ ଏବଂ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରିବ ।

ଏହି ସମୟରେ ବିଜେପି ପକ୍ଷରୁ ବିଭିନ୍ନ ବିଷୟବସ୍ତୁ ଉପରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବା ସହ ସମାଜର ପ୍ରତ୍ୟେକ ବର୍ଗର ଲୋକମାନଙ୍କୁ ଏଥିରେ ସକ୍ରିୟ ଭାବରେ ଭାଗ ନେବା ପାଇଁ ଆହ୍ୱାନ କରିବ । ସରକାରୀ କଲ୍ୟାଣକାରୀ ଯୋଜନାଗୁଡ଼ିକ କିପରି ଗରିବଙ୍କ ନିକଟରେ ପହଞ୍ଚିବ, ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରାଯିବ, ଜଳଯୋଗାଣ ଏବଂ ପରିବେଶ ସୁରକ୍ଷା ସୁନିଶ୍ଚିତ କରାଯିବା ସହ ଏହି ପ୍ରସଙ୍ଗରେ ବିଶେଷ ଅଭିଯାନ ଆରମ୍ଭ କରିବାକୁ ପଦକ୍ଷେପମାନ ନିଆଯିବ । ସେବା ପକ୍ଷ ଅଭିଯାନ ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମ, ପରିବେଶଗତ ପଦକ୍ଷେପ ଏବଂ ଅବହେଳିତବର୍ଗଙ୍କ ନିକଟରେ ସରକାରୀ ସୁବିଧା ପହଞ୍ଚାଇବା ଉପରେ ଏଥିରେ ଆଲୋକପାତ କରାଯିବ ।

# ସେବା ପର୍ବ – ଏନର୍ଜି

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ଅହରହ ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାର କିଭଳି ଭାରତକୁ ବିଶ୍ୱ ଦରବାରରେ  ଆନ୍ତର୍ଜାତିକ ସୌରଶକ୍ତି କ୍ଷେତ୍ରରେ ଅଗ୍ରଣୀ କରିପାରିଛନ୍ତି ।

ନୂଆଦିଲ୍ଲୀରେ ଆନ୍ତର୍ଜାତିକ ସୌରଶକ୍ତିର ପ୍ରଥମ ସମାବେଶକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଆନ୍ତର୍ଜାତିକ ସୌର ଆଲାଏନ୍ସ ବିଶ୍ୱ ପାଇଁ ଏକ ଆଶାର କୀରଣ ଭାବେ ଉଭା ହୋଇଛି ।

ନୂତନ ଭାବେ ବିକଶିତ ହେଉଥିବା ଦେଶ ଏବଂ କ୍ଷୁଦ୍ର ଦ୍ୱୀପ ତଥା ବିକାଶଶୀଳ ରାଜ୍ୟଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦେଇ ସ୍ୱଳ୍ପ ମୂଲ୍ୟ ପରିବର୍ତ୍ତନକାରୀ ଶକ୍ତି ସମାଧାନ ମାଧ୍ୟମରେ ସରକାର ଭାରତ ଦ୍ୱାରା ଆରମ୍ଭ କରାଯାଇଥିବା ଗୋଟିଏ ସୂର୍ଯ୍ୟ, ଗୋଟିଏ ବିଶ୍ୱ ଗୋଟିଏ ଗ୍ରୀଡ୍ ପ୍ରୟାସ ଏକ ବିଶ୍ୱ ସୌର ଗ୍ରୀଡ୍‌ର କଳ୍ପନା କରିପାରିଛି । ଏହା ଦକ୍ଷିଣ ଏସିଆରୁ ଆଫ୍ରିକା ଏବଂ ୟୁରୋପ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ସୌରଶକ୍ତି ସମ୍ବଳକୁ ସଂଯୋଗ କରିବାର ଲକ୍ଷ୍ୟ ରଖିଛି ।

**V/O-End Music Seba Praba**

# ରେଡ୍ଡୀ-କୋଲ୍ ଇଣ୍ଡିଆ

କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ କୋଲ୍ ଇଣ୍ଡିଆ କର୍ମଚାରୀଙ୍କ ପାଇଁ ନୂତନ ୟୁନିଫର୍ମ, କର୍ପୋରେଟ୍ ଦରମା ପ୍ୟାକେଜ୍ –(ସି.ଏସ୍.ପି.) ଏବଂ ବର୍ଦ୍ଧିତ ଅନୁଗ୍ରହ ରାଶିର ଶୁଭାରମ୍ଭ କରିଛନ୍ତି । ଏକ ବିବୃତ୍ତିରେ କୋଇଲା ମନ୍ତ୍ରଣାଳୟ କହିଛି, କୋଇଲା ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ସମ୍ମାନ, ସୁରକ୍ଷା ଏବଂ କଲ୍ୟାଣକୁ ଉନ୍ନତ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି । କୋଇଲା ଖଣିରେ ଦୁର୍ଘଟଣା

ଜନିତ ମୃତ୍ୟୁ ପାଇଁ ଅନୁକମ୍ପା ମୂଳକ ସହାୟତା ୧୫ ଲକ୍ଷରୁ ୨୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ସି.ଏସ୍.ପି. ଅଧୀନରେ ବୀମାରାଶି ସହାୟତା ସ୍ଥାୟୀ କର୍ମଚାରୀଙ୍କ ପାଇଁ ଏକ କୋଟି ଟଙ୍କା ଏବଂ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ପାଇଁ ୪୦ ଲକ୍ଷ ଟଙ୍କା ରଖାଯାଇଛି । ଏଥିରେ ୨ ଲକ୍ଷ ୧୫ ହଜାରରୁ ଅଧିକ ସ୍ଥାୟୀ ତଥା ୪୪ ହଜାର ଠିକା କର୍ମଚାରୀ ଉପକୃତ ହେବେ ।

## ଜିଏସ୍‌ଟି

ଚଳିତ ସ୍ୱାଧୀନତା ଦିବସରେ ଲାଲ୍‌କିଲ୍ଲା ପ୍ରାଚୀରରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଘୋଷଣା କରିଥିଲେ । ତାଙ୍କର ଦୃଷ୍ଟିକୋଣ ଚଳିତ ମାସ ୩ ତାରିଖରେ ସାକାର ହୋଇଥିଲା, ଯେତେବେଳେ ଜି.ଏସ୍.ଟି. ପରିଷଦ ସାଧାରଣ ଜନତାଙ୍କ ଜୀବନକୁ ସହଜ କରିବା ପାଇଁ ଅନେକ କ୍ଷେତ୍ରରେ ଟିକସହାର ହ୍ରାସ କରିଥିଲା ।  ଆଜି ଆମେ କୃଷି କ୍ଷେତ୍ରରେ ଟ୍ରାକ୍ଟର ଉପଯୋଗ କରିବାରେ ଜି.ଏସ୍.ଟି.ର ସଂସ୍କାର ଉପରେ ଆଲୋକପାତ କରିବା ।

ସରକାର ଟ୍ରାକ୍ଟର ଏବଂ ଏହାର ଉପକରଣ ଗୁଡ଼ିକ ଉପରେ ଟିକସ ହ୍ରାସ କରି ଚାଷୀମାନଙ୍କୁ ଆସ୍ୱସ୍ତି ପ୍ରଦାନ କରିଛନ୍ତି । ଟ୍ରାକ୍ଟର, କୃଷି ଯନ୍ତ୍ରପାତି ଏବଂ କମ୍ପୋଷ୍ଟ୍ ମେସିନ୍ ଭଳି କୃଷି ଉପକରଣ ଉପରେ ଜି.ଏସ୍.ଟି. ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି, ଯାହା କୃଷି

କ୍ଷେତ୍ରରେ ସରକାରଙ୍କର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରୂପେ ବିବେଚିତ ହେଉଛି । ଜାମ୍ମୁ କାଶ୍ମୀରର ଜଣେ କୃଷି ଓ ଉଦ୍ୟାନ କୃଷି ଉପକରଣ ଡିଲର୍ ଐଜାଜ୍ ଅହମ୍ମଦ ଏହି ଜି.ଏସ୍.ଟି. ସଂସ୍କାରକୁ ସ୍ୱାଗତ କରି କହିଛନ୍ତି, ସରକାରଙ୍କର ଏହି ପଦକ୍ଷେପ ଆଧୁନିକ କୃଷି ଉପକରଣ କ୍ରୟ କରିବାକୁ ଚାଷୀମାନଙ୍କୁ ଉତ୍ସାହିତ କରିବ । ଅତ୍ୟାବଶ୍ୟକ ଉପକରଣର ମୂଲ୍ୟ ହ୍ରାସ ଚାଷୀଙ୍କ ଉପରେ ଆର୍ଥିକ ବୋଝ କମ୍ କରିବା ଦ୍ୱାରା କୃଷି ଉତ୍ପାଦନ ବୃଦ୍ଧିରେ ଏହା ସହାୟକ ହେବ । ନୂତନ ଟିକସହାର ଚଳିତ ମାସ ୨୨ ତାରିଖରୁ କାର୍ଯ୍ୟକାରୀ ହେବାକୁ ଯାଉଛି ।

## ଏସିଆକପ୍ କ୍ରିକେଟ୍

ଏସିଆକପ୍ ପୁରୁଷ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଆବୁଧାବିରେ ଭାରତୀୟ ସମୟ ରାତି ୮ଟାରେ ବାଂଲାଦେଶ ଏବଂ ଆଫ୍‌ଗାନିସ୍ତାନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲି ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ଶ୍ରୀଲଙ୍କା ୪ ୱିକେଟ୍‌ରେ ହଂକଂକୁ ପରାସ୍ତ କରିଛି । ଆବୁଧାବିର ଜାୟଦ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଗ୍ରୁପ୍-ଏ'ର ଅନ୍ୟ ଏକ ମ୍ୟାଚ୍‌ରେ ୟୁ.ଏ.ଇ. ୪୨ରନ୍‌ରେ ଓମାନ୍‌କୁ ପରାସ୍ତ କରିଛି ।